# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**15 October - 2024**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ଟେଲିକମ୍ ଏବଂ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ  ଭାରତ ବିଶ୍ୱର ଅନ୍ୟତମ ସଫଳ ରାଷ୍ଟ୍ର, କହିଲେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ଆସନ୍ତା ୧୭ ତାରିଖରେ ମୁମ୍ବାଇ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ
- ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ଦେଶ ଜଣାଇଲା ଶ୍ରଦ୍ଧାଞ୍ଜଳି

ଏବଂ

- ସ୍ୱଚ୍ଛ ହାତ କାହିଁକି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ହାତଧୂଆ ଦିବସ

# ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୭ ତାରିଖରେ ମୁମ୍ବାଇ ଗସ୍ତରେ ଯିବେ । ସେଠାରେ ନିବେଶକଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦୁଝରରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ନିବେଶକଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି । ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ରୋଡ ଶୋ'ରେ ଶ୍ରୀ ମାଝୀ ଅଂଶଗ୍ରହଣ କରିବେ ।

ସୂଚନାଯୋଗ୍ୟ, ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ଆୟୋଜିତ ହେବ ।

# - V/O –

# ପିଏମ୍-ଡବ୍ଲୁଟିଏସ୍ଏ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆନ୍ତର୍ଜାତିକ ଟେଲି କମ୍ୟୁନିକେଶନ ୟୁନିୟନର ୱାର୍ଲଡ ଟେଲିକମ୍ୟୁନିକେଶନ ଷ୍ଟାଣ୍ଡାର୍ଡାଇଜେସନ୍ ସମ୍ମିଳନୀ- WTSAକୁ ଉଦ୍‌ଘାଟନ କରିଛନ୍ତି । ମିଳିତ ଜାତିସଂଘର ଏଜେନ୍ସୀ ଅନ୍ତର୍ଜାତୀୟ ଟେଲିକମ୍ ୟୁନିୟନର ମାନକୀକରଣ କାର୍ଯ୍ୟ ପାଇଁ ପ୍ରତି ୪ବର୍ଷରେ ଥରେ

ଏହି ପରିଚାଳନା ସମ୍ମିଳନୀ ଆୟୋଜିତ ହୋଇଥାଏ । ଚଳିତବର୍ଷ ପ୍ରଥମଥର ପାଇଁ ITU-WTSA ଭାରତ ଏବଂ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୪ର ଅଷ୍ଟମ ସଂସ୍କରଣକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଆଜି ଟେଲିକମ୍ ଏବଂ ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱର ଅନ୍ୟତମ ସଫଳ ଦେଶ । ଭାରତରେ ୧୨୦ କୋଟି ମୋବାଇଲ୍‌ଫୋନ୍ ବ୍ୟବହାରକାରୀ, ୯୫ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଥିବା ବେଳେ ବିଶ୍ୱର ୪୦ ପ୍ରତିଶତରୁ ଅଧିକ ରିୟଲ୍ ଟାଇମ୍ ଡିଜିଟାଲ୍ କାରବାର ଭାରତରେ ହେଉଛି । ଏ.ଆଇ.ର ନୈତିକ ବ୍ୟବହାର ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ସୁରକ୍ଷା, ମର୍ଯ୍ୟାଦା ଏବଂ ସମାନତା ସମସ୍ତ ଆଲୋଚନାର କେନ୍ଦ୍ରରେ ରହିବା ଉଚିତ ।

ସେ କହିଛନ୍ତି ଭାରତ ଶେଷ-ମାଇଲ୍ ବିତରଣ ପାଇଁ ଡିଜିଟାଲ ସଂଯୋଗକୁ ପ୍ରଭାବୀ ଉପକରଣରେ ପରିଣତ କରିଛି । ଭାରତର ଡିଜିଟାଲ ଦୃଷ୍ଟିକୋଣ ମୁଖ୍ୟତଃ ଶସ୍ତା ଉପକରଣ, ସମସ୍ତ କୋଣକୁ ସଂଯୋଗ, ସୁଲଭ ମୂଲ୍ୟରେ ଡାଟା ଏବଂ ଡିଜିଟାଲ୍-ପ୍ରଥମ ଭଳି ୪ଟି ସ୍ତମ୍ଭ ଉପରେ କାର୍ଯ୍ୟ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱସ୍ତରୀୟ ମାନକ ଦିଗରେ କାର୍ଯ୍ୟ କରିବା

WTSAର ଲକ୍ଷ୍ୟ ହୋଇଥିବା ବେଳେ ସେବା କ୍ଷେତ୍ରରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । WTSA ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ, ଯାହା ଟେଲିକମ୍, ଡିଜିଟାଲ ଏବଂ ଆଇସିଟି କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ୧୯୦ରୁ ଅଧିକ ଦେଶର ୩ ହଜାରରୁ ଅଧିକ ଶିଳ୍ପ ନେତୃତ୍ୱ, ନୀତି ନିର୍ଦ୍ଧାରକ ଏବଂ ବୈଷୟିକ ବିଶେଷଜ୍ଞଙ୍କୁ ଏକାଠି କରିବ । ଏହା 6-G, A.I, I.O.T, ବିଗ୍ ଡାଟା, ସାଇବର ସୁରକ୍ଷା ଏବଂ ଅନ୍ୟାନ୍ୟ ପରବର୍ତ୍ତୀ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜିର ଭବିଷ୍ୟତ ମାନକ ବିଷୟରେ ଆଲୋଚନା ଏବଂ ନିଷ୍ପତ୍ତି ନେବା ପାଇଁ ସଦସ୍ୟ ଦେଶମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବ । ଭାରତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ଦେଶକୁ ବୈଶ୍ୱିକ ଟେଲିକମ୍ ଏଜେଣ୍ଡାକୁ ରୂପ ଦେବାରେ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ପାଇଁ ମାର୍ଗ ନିର୍ଦ୍ଧାରଣ କରିବାକୁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-କଲାମ

ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କର ଆଜି ଜନ୍ମଦିନ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ପୂର୍ବତନ ରାଷ୍ଟ୍ରପତି ଡକ୍ଟର କଲାମଙ୍କ

ଚିନ୍ତାଧାରା ଏବଂ ଦୂରଦୃଷ୍ଟି ଦେଶକୁ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କୁ ଶ୍ରଦ୍ଧାଂଜଳି ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି,ଭାରତର ମହାକାଶ ବିଜ୍ଞାନ, ଶିକ୍ଷା ଏବଂ ସାମାଜିକ ସଂସ୍କାର କ୍ଷେତ୍ରରେ ତାଙ୍କର ଅବଦାନ ଆଜିର ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା।

ସେହିପରି ମିସାଇଲ ମ୍ୟାନ ଡକ୍ଟର କଲାମ ତାଙ୍କ ସମଗ୍ର ଜୀବନକୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷା ମାଧ୍ୟମରେ ରାଷ୍ଟ୍ର ଗଠନ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କ ଜୀବନ ଓ ତାଙ୍କର ଶିକ୍ଷା ସଦାକାଳରେ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରୁଥିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି।

## ଜାତୀୟ ଜଳ ପୁରସ୍କାର

ପଞ୍ଚମ ଜାତୀୟ ଜଳ ପୁରସ୍କାରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିବା ଜଳସମ୍ପଦର ସଂରକ୍ଷଣ ପାଇଁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜଳସମ୍ପଦର ସଂରକ୍ଷଣ, ସଠିକ୍ ବ୍ୟବହାର, ବର୍ଷାଜଳ ଅମଳ ଏବଂ ସଚେତନତା ସୃଷ୍ଟି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ପୁରସ୍କାର ଆଗାମୀ ଦିନରେ ସମସ୍ତଙ୍କୁ ଉତ୍ସାହିତ କରିବ ବୋଲି କହିବା ସହ ଜଳଉତ୍ସର ସୁରକ୍ଷା ଏବଂ ଜଳର ସଠିକ୍

ବ୍ୟବହାର ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି। ଗତକାଲି ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ ଘୋଷଣା ହୋଇଥିଲାବେଳେ ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ଜିଲ୍ଲା, ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ, ଶ୍ରେଷ୍ଠ ସହରାଞ୍ଚଳ, ସ୍ଥାନୀୟ  ସଂସ୍ଥା, ଶ୍ରେଷ୍ଠ ବିଦ୍ୟାଳୟ ଭଳି ୯ଟି ବର୍ଗର ଯୁଗ୍ମ ବିଜେତାଙ୍କ ସମେତ ୩୮ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି।  ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନଭବନସ୍ଥିତ ପ୍ଲିନାରୀ ହଲ୍‌ରେ ଏହି ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ।  ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଦାଦନ – ସ୍ୱତନ୍ତ୍ର ଟାସ୍କ ଫୋର୍ସ

ରାଜ୍ୟ ସରକାର ଦାଦନ ରୋକିବାକୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ୍ ଗଠନ କରିଛନ୍ତି। ଦାଦନ ସମସ୍ୟାର ନିରାକରଣ ପାଇଁ ଏହି ଟାସ୍କ ଫୋର୍ସ୍ ଦିଗ୍‌ଦର୍ଶନ ଦେବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ଟାସ୍କଫୋର୍ସ୍‌ର ଅଧ୍ୟକ୍ଷ ଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ପଞ୍ଚାୟତିରାଜ ଓ ଅନ୍ୟ ବିଭାଗର ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ଏହି ଟାସ୍କଫୋର୍ସ୍‌ର ସଦସ୍ୟ ଅଛନ୍ତି।

## ସମୀକ୍ଷା ବୈଠକ

କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଭାସ୍କରଜ୍ୟୋତି ଶର୍ମା **ନବରଙ୍ଗପୁର** ଗସ୍ତର ଦ୍ୱିତୀୟ ଦିନରେ ଆଜି ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକର ସୁଫଳ କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବନକଲାଗି ନୀତି

ଆଶ୍ୱିନମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆସନ୍ତାକାଲି ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆସନ୍ତାକାଲି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଲୋକ ମହୋତ୍ସବ ପରବ

**କୋରାପୁଟ** ଲୋକ ମହୋତ୍ସବ '**ପରବ**' ଡିସେମ୍ବର ମାସ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ରଂଗବାଲିକୁମ୍ଭା ପରବ ପଡିଆରେ  ପାଳନ କରାଯିବ। ଚଳିତମାସ ୨୭ ତାରିଖରେ ସେମିଳିଗୁଡା ବ୍ଲକର ଦୁଧାରୀ ମାଉଳି ମା' ପୀଠରୁ ଶୁଭାରମ୍ଭ କରାଯିବ। କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ପରବ' ପ୍ରସ୍ତୁତ ବୈଠକରେ ଜୟପୁର, କୋରାପୁଟ, କୋଟପାଡ, ପଟାଙ୍ଗି, ଲକ୍ଷ୍ମୀପୁର ବିଧାୟକଙ୍କ ସମେତ କୋରାପୁଟ ଏସପି ଉପସ୍ଥିତ ଥିଲେ।

## ବିଶ୍ୱ ହାତଧୂଆ ଦିବସ

ହାତଦ୍ୱାରା ଜୀବାଣୁ ପାଟିକୁ ଯାଉଥିବାରୁ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଚଳିତବର୍ଷ  ବିଶ୍ୱ ହାତଧୁଆ ଦିବସର ବାର୍ତ୍ତା ରହିଛି 'ସ୍ୱଚ୍ଛ ହାତ କାହିଁକି ଗୁରୁତ୍ୱପୂର୍ଣ୍ଣ'। ବିଦ୍ୟାଳୟ ଗୁଡ଼ିକରେ ହାତଧୁଆ ଦିବସ ପାଳନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶାନାମା ଜାରି କରାଯାଇଛି । ଏକ ମାସ ଧରି ଆସନ୍ତା ମାସ ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆ ଅଭ୍ୟାସ କରାଯିବ । ଏ ସମ୍ପର୍କରେ  ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ବିଶ୍ୱ ହାତ ଧୁଆ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ହାତ ଧୋଇବାକୁ ଏକ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି।

ଉପଯୁକ୍ତ ଭାବରେ ହାତ ଧୋଇବା, ଜୀବାଣୁମାନଙ୍କ ପ୍ରସାରଣକୁ ରୋକିବା ଏବଂ ଆମ ସମୁଦାୟଗୁଡ଼ିକୁ ସୁରକ୍ଷିତ ରଖିବାର ଏକ ସହଜ ଏବଂ ପ୍ରଭାବଶୀଳ ଉପାୟ ବୋଲି ସେ କହିଛନ୍ତି।

## ରାଈ ଦାମୋଦର ବେଶ

କାର୍ତ୍ତିକ ମାସର ରାଈ ଦାମୋଦର ବ୍ରତ ଆସନ୍ତା ଶୁକ୍ରବାରରୁ ଆରମ୍ଭ ହେବ। ଶ୍ରୀକ୍ଷେତ୍ରରେ ହବିଷ୍ୟାଳି ମା'ମାନେ ଏକମାସ ଧରି ୪ଟି ହବିଷ୍ୟାଳି ନିବାସରେ ରହି ବ୍ରତ ପାଳନ କରିବେ। ହବିଷ୍ୟାଳିମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ହବିଷ୍ୟାଳୀମାନଙ୍କର ଶ୍ରୀମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ସହ ଅନ୍ୟାନ୍ୟ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିଥିବାବେଳେ ପରସ୍ପର ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଅଛି। ସରକାରଙ୍କ ଏହି ଯୋଜନା ସମ୍ପୂର୍ଣ୍ଣ ମାଗଣା ରହିଥିବାବେଳେ ଯୋଜନାରେ ଆବେଦନ କରିଥିବା ଯୋଗ୍ୟ ହବିଷ୍ୟାଳୀମାନଙ୍କୁ ସେମାନଙ୍କ ପ୍ରଦତ୍ତ ମୋବାଇଲ ଓ ମେଲ ମାଧ୍ୟମରେ ସୂଚନା ଦିଆଯିବାର ବ୍ୟବସ୍ଥା କରାଯାଇଛି।